# ଯୁବକଙ୍କୁ ବାନ୍ଧି ଜାଳିଦେଲେ

**ଅନୁଗୁଳ, ବଇଶାଖ, ୧୨।୧/ଏନ୍ଏନ୍ଏସ୍:**

ଅନୁଗୁଳ ଜିଲ୍ଲା ହଣ୍ଡପା ଥାନା ଅନ୍ତର୍ଗତ କେନ୍ଦୁସାହିରେ ଜଣେ ଯୁବକଙ୍କୁ ରାସ୍ତାରେ ବାନ୍ଧି ପେଟ୍ରୋଲ ଢାଳି ପୋଡ଼ି ମାରିଦେବା ଭଳି ଜଘନ୍ୟ ଘଟଣା ଏବେ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ମୃତକ ହେଲେ ରାଜକିଶୋର ପ୍ରଧାନ (୨୫)।

ପୁଲିସ ସୂତ୍ରରୁ ଜଣାଯାଇଛି ଯେ ରାଜକିଶୋର ଆଦିବାସୀ ସମ୍ପ୍ରଦାୟର ଓ ଜଣେ ଦିନ ମଜୁରିଆ। ସେ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିଲେ। ସେଠାରୁ ଫେରି ଗାଁରେ ଥିଲେ। ତାଙ୍କର ପ୍ରଥମ ସ୍ତ୍ରୀ ମରିଯିବା ପରେ ସେ ଦ୍ୱିତୀୟ ବିବାହ କରିଥିଲେ। କିନ୍ତୁ ଦ୍ୱିତୀୟ ପତ୍ନୀକୁ ମାରଧର କରିବାରୁ ସେ ବାପ ଘରକୁ ପଳାଇ ଯାଇଛନ୍ତି। ରାଜକିଶୋର ଯାହା ରୋଜଗାର କରନ୍ତି ସେଥିରେ ମଦ ପିଇ ଉଡ଼ାଇ ଦିଅନ୍ତି। ଘରକୁ କିଛି ଦିଅନ୍ତି ନାହିଁ। ବରଂ ମଦ୍ୟପାନ କରି ଘରକୁ ଫେରିଲା ପରେ ସମସ୍ତଙ୍କ ସହିତ ଝଗଡ଼ା କରନ୍ତି। ପରିବାର ଲୋକଙ୍କୁ ବି ମାରଧର କରନ୍ତି। ରାଜକିଶୋରଙ୍କ ଏହି କାର୍ଯ୍ୟରେ ପରିବାର ଲୋକେ ଅତିଷ୍ଠ ହୋଇ ପଡ଼ିଥିଲେ। ରାଜକିଶୋରଙ୍କ ବାପା ବହୁ ଦିନ ହେଲା ମରିଯାଇଛନ୍ତି। ଘରେ ବିଧବା ମା', ଭାଇ-ଭାଉଜ ଓ ଭଉଣୀ ରହନ୍ତି। ଆଜି ସନ୍ଧ୍ୟାରେ ସେ ମଦ୍ୟପାନ କରି ଘରକୁ ଫେରିଲା ପରେ ପୂର୍ବଭଳି ସମସ୍ତଙ୍କୁ ଗାଳି ଗୁଲଜ କରିଥିଲେ। ତାଙ୍କୁ ପାଟି ନକରିବାକୁ ପରିବାର ଲୋକେ ଯେତେ ବୁଝାଇଲେ ମଧ୍ୟ ସେ କିଛି ଶୁଣି ନଥିଲେ। ତେଣୁ ପରିବାରର ସମସ୍ତେ ମିଶି ତାଙ୍କୁ ପ୍ରଥମେ ବାନ୍ଧି ପକାଇଥିଲେ। ତାପରେ ତାଙ୍କୁ ଗାଁ ଦାଣ୍ଡକୁ ଟେକି ନେଇଥିଲେ। ଦାଣ୍ଡରେ ଏକ ଶାବଳ ପୋତି ସେଥିରେ ରାଜକିଶୋରଙ୍କୁ ବାନ୍ଧି ପକାଇଥିଲେ। ତାଙ୍କ ଦେହରେ ପେଟ୍ରୋଲ ଢାଳିଦେଇ ନିଆଁ ଲଗାଇ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ପରେ ଗାଁର କିଛି ଲୋକ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଅଠମଲ୍ଲିକ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ହଣ୍ଡପା ପୁଲିସ କେନ୍ଦୁସାହିରେ ପହଞ୍ଚି ଗାଁ ଲୋକଙ୍କୁ ପଚରାଉଚରା କରିବା ସହିତ ରାଜକିଶୋରଙ୍କ ପରିବାରର ୩ ଜଣଙ୍କୁ ଥାନାକୁ ଧରିନେଇ ପଚରାଉଚରା ଚଳାଇଛନ୍ତି। ତେବେ କେନ୍ଦୁସାହିର ଲୋକେ ଏହି ଘଟଣା ସମ୍ପର୍କରେ ବିଶେଷ କିଛି ତଥ୍ୟ ଦେଇନାହାନ୍ତି। ସେମାନେ ରାଜକିଶୋର ପରିବାରର ଲୋକଙ୍କୁ ଡରୁଥିବା ପୁଲିସ କହିଛି। ଏତଲା ହୋଇନଥିବାରୁ ପୁଲିସ ମାମଲା ରୁଜୁ କରିନାହିଁ।